Chapter- 1

# “ଜାତୀୟ ଧ୍ୱଜା ଆମ ଉଡଇ ଫରଫର”

## STUDY NOTES

### କବିତାର ସାରକଥା

- ଆମ ଦେଶ ଯେତେବେଳେ ବିଦେଶୀ ଶାସନର ଅଧୀନରେ ଥିଲା, ଆମେ ସେତେବେଳେ ବହୁ ଦୁଃଖକଷ୍ଟ, ଯାତନା, ଲାଞ୍ଛନା, ନିର୍ଯ୍ୟାତନା ଭୋଗୁଥିଲୁ ।
- ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ପରଠାରୁ ଆମେ ସ୍ୱାଧୀନ ହେଲୁ ଓ ନିର୍ଭୟରେ ବିଚରଣ କରିପାରିଲୁ ।
- ଆମେ ଆମ ଦେଶର ଯଶ, ଖ୍ୟାତି ପାଇଁ ଭଲ କାମ କରିବୁ ।
- ଆମେ ସମସ୍ତେ ଭାରତୀୟ, ଛୁଆଁ ଅଛୁଆଁ ଭେଦଭାବ କିଛି ନାହିଁ ।
- ଆମ ଦେଶର ଉନ୍ନତି ପାଇଁ ଆମେ ବିଭିନ୍ନ ପ୍ରକାର କଳକାରଖାନା ଖୋଲିଦେବୁ ।
- କଳକାରଖାନାରୁ ବିଭିନ୍ନ ଦ୍ରବ୍ୟ ଉତ୍ପାଦନ ହେବ, କାହାର କିଛି ଅଭାବ ରହିବ ନାହିଁ । ସମସ୍ତେ ଶାନ୍ତିରେ ରହିବେ, ଖୁସିରେ ରହିବେ
- ଆମ ଜାତୀୟ ପତାକା ଆମ ଗର୍ବ, ଗୌରବ । ତିନିରଙ୍ଗ ବିଶିଷ୍ଟ ଆମ ପତାକାକୁ ତ୍ରିରଙ୍ଗା କୁହାଯାଏ ।
- ଜ୍ଞାନରେ, ବିଜ୍ଞାନରେ ଆମେ କାହାର ପଛରେ ରହିବୁ ନାହିଁ ।
- ତ୍ରିରଙ୍ଗା ପତାକାର ତଳେ ଛିଡ଼ା ହୋଇ ଆମେ ଶପଥ ନେବା । ଆମ ଦେଶକୁ ସୁରକ୍ଷାଦେବା ଓ ଦେଶକୁ ସମୃଦ୍ଧ କରିବା ।
- ଭାରତ ମାତାକି ଜୟ, ଏହି ଧ୍ୱନି ସମସ୍ତଙ୍କ ହୃଦୟରେ ଝଙ୍କୃତ ହେଉ ।

### କଷ୍ଟ ଶବ୍ଦର ଅର୍ଥ

ଅଧୀନ - ଆୟତରେ, କବଳରେ

ଧ୍ୱଜା - ପତାକା

ଟେକ - ଯଶ, ଗୌରବ

ବ୍ରତ - ଧର୍ମ, ଶପଥ

ବିବିଧ – ବିଭିନ୍ନ ପ୍ରକାର

ସୁଷମା – ସୌନ୍ଦର୍ଯ୍ୟ

କ୍ଳେଶ – କଷ୍ଟ

ଅଗ୍ରସର - ଆଗକୁ ଗତି କରିବା

ବଳି – ଉତ୍ସର୍ଗ

ହିତ – ମଙ୍ଗଳ

ଉତ୍ପନ୍ନ – ଜାତ, ସୃଷ୍ଟି

ପ୍ରତିଜ୍ଞା - ଶପଥ

**ବହି ପ୍ରଶ୍ନ ଉତ୍ତର**

**୧. ଆସ କଥାବାର୍ତ୍ତା ହେବା ।**

(କ) ପ୍ରଶ୍ନ - ଆମ ଦେଶ ପରାଧୀନ ଥିଲାବେଳେ କ’ଣ ଅସୁବିଧା ହେଉଥିଲା ?

ଉତ୍ତର :- ଆମ ଦେଶ ପରାଧୀନ ଥିଲା ବେଳେ, ଆମେ ଅନେକ ଦୁଃଖ କଷ୍ଟ ଭୋଗୁଥିଲୁ ।

(ଖ) ପ୍ରଶ୍ନ – ଦେଶ ସ୍ୱାଧୀନ ହେବାପରେ ଆମେ କେଉଁ କାମ କରିପାରିବା ବୋଲି କବିତାରେ କୁହାଯାଇଛି ?

ଉତ୍ତର :- ଦେଶ ସ୍ୱାଧୀନ ହେବାପରେ ଆମେ ସବୁ ଭଲକାମ କରିବା, ଯେଉଁ କାମ କଲେ ଇତିହାସରେ ଆମ ନାଁ ରହିବ ।

(ଗ) ପ୍ରଶ୍ନ :- ଜାତିର ଟେକ ରଖିବା ପାଇଁ ଆମକୁ କ’ଣ କରିବାକୁ ପଡ଼ିବ ?

ଉତ୍ତର :- ଜାତିର ଟେକ ରଖିବାପାଇଁ ସ୍ୱଦେଶ ସେବାକୁ ବ୍ରତ କରିବାକୁ ପଡ଼ିବ ।

(ଘ) ପ୍ରଶ୍ନ :- ଦେଶର ଉନ୍ନତି ପାଇଁ କେଉଁ କେଉଁ କାମ ସ୍ୱାଧୀନ ଭାରତରେ କରାଯିବ ବୋଲି ଆଶା କରାଯାଇଛି ?

ଉତ୍ତର:- ଦେଶର ଉନ୍ନତି ପାଇଁ ବିବିଧ କାରଖାନା ଓ ଅସଂଖ୍ୟ କାରିଗର ସୃଷ୍ଟି କରିବାର ଆଶା କରାଯାଉଛି ।

ODM EDUCATIONAL GROUP Changing your Tomorrow

(ଙ) ପ୍ରଶ୍ନ :- ଆମେ କାହିଁକି ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ?

ଉତ୍ତର:- ଆମେ ବୀର ଜାତି ହୋଇଥିବାରୁ ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ।

୨. (କ) ପ୍ରଶ୍ନ :- କଥାକୁ କିପରି କାର୍ଯ୍ୟରେ ପରିଣତ କରିପାରିବା ବୋଲି କବିତାରେ କୁହାଯାଇଛି ?

ଉତ୍ତର :- କର୍ତ୍ତବ୍ୟ ପଥରେ ଅଗ୍ରସର ହେଲେ, କଥାକୁ କାର୍ଯ୍ୟରେ ପରିଣତ କରିପାରିବା ।

(ଖ) ପ୍ରଶ୍ନ :- ସ୍ୱାଧୀନ ଭାରତର ଶିଶୁମାନେ ମର୍ତ୍ତ୍ୟପୁରରେ କି ପରିବର୍ତ୍ତନ ଆଣିପାରିବା କଥା କବି କହିଛନ୍ତି ?

ଉତ୍ତର :- ସ୍ୱାଧୀନ ଭାରରର ଶିଶୁମାନେ ସ୍ୱର୍ଗର ସୁଷମା ମର୍ତ୍ତ୍ୟପୁରରେ ଆଣିପାରିବା କଥା କବି କହିଛନ୍ତି ।

(ଗ) ପ୍ରଶ୍ନ:- କେଉଁ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି ?

ଉତ୍ତର :- ଜ୍ଞାନ ଓ ବିଜ୍ଞାନ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି ?

(ଘ) କେଉଁମାନେ ପ୍ରତିଜ୍ଞା କରିବା କଥା କବିତାରେ ପ୍ରକାଶ ପାଇଛି ?

ଉତ୍ତର :- କୋଟି କୋଟି ଭାରତୀୟ ସନ୍ତାନ ପ୍ରତିଜ୍ଞା କରିବା କଥା କବିତାରେ କୁହାଯାଇଛି ।

(ଙ) ପ୍ରଶ୍ନ:- ଦେଶରେ କଳକାରଖାନା ଗଢ଼ି ଉଠିଲେ ଆମର କ'ଣ ସୁବିଧା ହେବ ?

ଉତ୍ତର:- ଦେଶରେ କଳକାରଖାନା ଗଢ଼ି ଉଠିଲେ, ନାନାଦି ଦ୍ରବ୍ୟ ଉତ୍ପାଦନରେ ସୁବିଧା ହେବ ।

**୩.** କବିତାର ଯେଉଁପଦରେ ଏ କଥା କୁହାଯାଇଛି, ସେହି ପଦଟି ବାଛି ଲେଖିବା ।

(କ) ପ୍ରଶ୍ନ:- ସେ ସମୟରେ କଷ୍ଟ ଭୋଗୁଥିଲୁ ।

ଉତ୍ତର :- ସେକାଳେ ଭୋଗୁଥିଲୁ କେତେ ଯେ ଆମେ କ୍ଳେଶ

(ଖ) ପ୍ରଶ୍ନ :- ଦେଶ ସେବାକୁ ଜୀବନର ବ୍ରତ କରିବା

ଉତ୍ତର:- ସ୍ୱଦେଶ ସେବା ବ୍ରତ କରିବୁ ଜୀବନରେ ।

(ଗ) ପ୍ରଶ୍ନ :- ସମସ୍ତଙ୍କ ପାଇଁ ଭଲ କାମ କରିବା

ଉତ୍ତର :- ସଭିଙ୍କ ହିତ ପାଇଁ କରିବୁ ଆମେ କାମ ।

ODM EDUCATIONAL GROUP Changing your Tomorrow

(ଘ) ପ୍ରଶ୍ନ :- ଜିନିଷ ସୃଷ୍ଟି ହେବ

ଉତ୍ତର :- ଯେପରି ଉତପନ୍ନ ହୋଇବ ଦ୍ରବ୍ୟ ନାନା ।

(ଙ) ପ୍ରଶ୍ନ:- ଯାହା କହିଛି ତା ପ୍ରାଣ ଦେଇ କରିବୁ ।

ଉତ୍ତର :- କରିବୁ ପ୍ରାଣ ଦେଇ କହିବୁ ଯେଉଁକଥା

୪. “ଧ୍ୱଜା’ ସହିତ ଯେପରି ଫରଫର” ର ସଂପର୍କ ଅଛି, ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକ ସହିତ ଯାହାର ସଂପର୍କ ଅଛି ତାହାକୁ ସେହି ଶବ୍ଦ ପାଖରେ ଲେଖିବା ।

| **ପ୍ରଶ୍ନ** | **ଉତ୍ତର** |
|---|---|
| ଝରଣା | ଝରଝର |
| ଓଦା | ସରସର |
| ରାଗ | ତମତମ |
| ଚାଲି | ଦମ୍ ଦମ୍ |
| ଶୀତ | ଥୁରୁଥୁରୁ |

୫. (କ) ତଳେ କବିତାରେ ଥିବା କେତେକ ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପୂର୍ବରୁ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ଯୋଡ଼ିବା

ଉତ୍ତର :- ବିଦେଶୀ – ଶାସନ

ଜାତୀୟ - ଧ୍ୱଜା

କର୍ତ୍ତବ୍ୟ - ପଥ

ଅସଂଖ୍ୟ – କାରିଗର

(ଖ) ତଳେ କବିତାରେ ଥିବା ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପରେ ଗୋଟିଏ ଲେଖାଏଁ ଶବ୍ଦ ଯୋଡ଼ିବା

ସ୍ୱଦେଶ – ସେବା

ବୀର – ଜାତି

ODM EDUCATIONAL GROUP Changing your Tomorrow

୬. ଯେପରି “ବିଦେଶୀ” ପାଇଁ “ସ୍ୱଦେଶୀ” ସେହିପରି ନିମ୍ନରେ ଦିଆଯାଇଥିବା ଶବ୍ଦ ଗୁଡ଼ିକ ପାଇଁ କ’ଣ ହେବ ଲେଖ ।

ସ୍ୱାଧୀନ - ପରାଧୀନ, ଭଲ – ମନ୍ଦ, ପର - ଆପଣା,  ହିତ - ଅହିତ, ବୀର – ଭୀରୁ

୭. ଯେପରି “କର୍ତ୍ତବ୍ୟ” ଶବ୍ଦ ସହ “ପଥ“ ଶବ୍ଦ ମିଶି “କର୍ତ୍ତବ୍ୟପଥ“ ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରୁ ଯେଉଁ ଶବ୍ଦରେ “ପଥ“ ଯୋଗ କରି ନୂଆ ଶବ୍ଦ ଗଢ଼ିହେବ ସେଗୁଡ଼ିକୁ ଲେଖ ।

ସତ୍ୟ ପଥ - ଧର୍ମପଥ, ଗତିପଥ, ଛାୟାପଥ, କର୍ମପଥ, ଜ୍ଞାନ ପଥ

୮. “ପତାକା”ର ଆଉ କେତୋଟି ପ୍ରତିଶବ୍ଦ ଲେଖିବା

ଧ୍ୱଜା, କେତ, ବୈଜୟନ୍ତୀ, କେତନ

୯. ଯେପରି “ଶାସନ”ରୁ ଶାସିତ, ‘ଦଳ’ରୁ ଦଳୀୟ ହୋଇଛି ସେପରି ଦିଆଯାଇଥିବା ଶବ୍ଦମାନଙ୍କର ନୂଆ ରୂପ ଲେଖ ।

ଉତ୍ପାଦନ - ଉତ୍ପାଦିତ, ନାମ - ନାମିତ, ଜାତି – ଜାତୀୟ, ବିଦେଶ – ବିଦେଶୀୟ,
ଜୀବନ- ଜୀବିତ

୧୦. ତଳେ ‘କ’ ଓ ‘ଖ’ ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି, ସଂପର୍କିତ ଶବ୍ଦ ଦୁଇଟିକୁ ମିଳାଇ ଯେଉଁ ନୂଆ ପଦଟି ହେଉଛି ତାକୁ ‘ଗ’ ସ୍ତମ୍ଭରେ ଲେଖିବା ।

| **‘କ’ ସ୍ତମ୍ଭ** | **‘ଖ’ ସ୍ତମ୍ଭ** | **‘ଗ’ ସ୍ତମ୍ଭ** |
|---|---|---|
| କାମ | ଖରଖର | କାମ ତରତର |
| ଲୁହ | ଝରଝର | ଲୁହ ଝରଝର |
| ରାଗ | ଗରଗର | ରାଗ ଗରଗର |
| ବଚନ | ତରତର | ବଚନ ଖରଖର |
| ପତାକା | ସରସର | ପତାକା ଫରଫର |
| ଓଦା | ଫରଫର | ଓଦା ସରସର |

***



ODM EDUCATIONAL GROUP Changing your Tomorrow